## ନିଶାମୁକ୍ତି କେନ୍ଦ୍ରରେ ଆତ୍ମହତ୍ୟା ଅଭିଯୋଗ

# ନାହିଁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା, ପାଳି କରି ଜଗୁଛନ୍ତି ଅନ୍ତେବାସୀ

ଫୁଲନଖରା,୨୭ ।୧୨(ସମିସ)

କଟକ ସଦର ଥାନା ଅନ୍ତର୍ଗତ ଉରାଳୀସ୍ଥିତ ପ୍ରତିକାର ନିଶାମୁକ୍ତି କେନ୍ଦ୍ରରେ ଜଣେ ବ୍ୟକ୍ତି ଗାଧୁଆ ଘର ଭିତରେ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି । ମୃତ ବ୍ୟକ୍ତି ହେଲେ ସଦର ଥାନା ଅନ୍ତର୍ଗତ ସଇନ୍ଧ-ନଛିପୁର କୋଠସାହିର ଯଶୋବନ୍ତ ଦାଶ(୫୫) । ସେ ନିଶା ସେବନ କରୁଥିବାରୁ ପରିବାର ପକ୍ଷରୁ ଗତ ୨୫ ତାରିଖ ନିକଟସ୍ଥ ଉକ୍ତ ନିଶାମୁକ୍ତି କେନ୍ଦ୍ରରେ ନେଇ ତାଙ୍କୁ ଛାଡ଼ି ଦେଇ ଆସିଥିଲେ । ମାସିକ ଖର୍ଚ୍ଚ ବାବଦରେ ୯ ହଜାର ଟଙ୍କା ଚୁକ୍ତିକରି ସେଠାରେ ତାଙ୍କୁ ପରିବାର ଲୋକେ ଛାଡିଥିଲେ । ନିଶା କବଳରୁ ସେ ମୁକ୍ତି ପାଇବେ କ'ଣ ସେ ତାଙ୍କ ପରିବାରକୁ ଛାଡ଼ି ସବୁଦିନ ପାଇଁ ଆର ପାରିକୁ ଚାଲିଗଲେ । ପ୍ରତିକାର ନିଶାମକ୍ତି କେନ୍ଦ୍ରରେ ପ୍ରାୟ ୨୨ ଅନ୍ତେବାସୀ ରହୁଥିବା ବେଳେ ତାଙ୍କ ଦେଖାଶୁଣା, ସୁରକ୍ଷା ବ୍ୟବସ୍ଥା ପାଇଁ ସେଭଳି କିଛି ବ୍ୟବସ୍ଥା ନଥିବା ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ଉକ୍ତ କେନ୍ଦ୍ରରେ କୌଣସି ରାତ୍ର ଜଗୁଆଳି ନ ରହି ସେହିକେନ୍ଦ୍ରରେ ଥିବା ଅନ୍ତେବାସୀ ଯେଉଁମାନେ କି ନିଶାରୁ ମୁକ୍ତି ପାଇଁ ସେଠାରେ ରହିଛନ୍ତି ସେମାନେ ପାଳିକରି ରାତ୍ର ଜଗୁଆଳି ଭାବରେ କାମ କରୁଛନ୍ତି ବୋଲି ଜଣାପଡିଛି ।



ଗତ ଶୁକ୍ରବାର ରାତି ଦାୟିତ୍ୱରେ ଥିବା ଅନ୍ତେବାସୀ ୨ ଜଣ ସୁରକ୍ଷା ଦେବା ବଦଳରେ ନିଘୋଡ଼ ନିଦ୍ରାରେ ଶୋଇ ଯାଇଥିଲେ । ଏହି ସମୟରେ ଯଶୋବନ୍ତ ରାତି ୧୨ଟା ପରେ ଗାଧୁଆ ଘରକୁ ଯାଇ ଆଉ ଫେରି ନଥିଲେ । ସକାଳେ ଯଶୋବନ୍ତଙ୍କୁ ପ୍ରାର୍ଥନା ସମୟରେ ନ ପାଇ ଅନ୍ୟ ଅନ୍ତେବାସୀ ଖୋଜାଖୋଜି କରିଥିଲେ । ଗାଧୁଆ ଘର ଭିତରେ ସାୱାରରେ ଝୁଲନ୍ତା ଅବସ୍ଥାରେ ତାଙ୍କୁ ଦେଖିଥିଲେ । ପରେ ସଦର ଥାନା ଆଇଆଇସି ତୁଷାରକାନ୍ତ ସେଠୀ ମୃତଶରୀରକୁ ଉଦ୍ଧାର କରି ବଡ଼ ମେଡିକାଲ୍‌କୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଜାରି ରଖିଛନ୍ତି । ଅନ୍ତେବାସୀମାନଙ୍କ ପାଇଁ ନିଶାମୁକ୍ତି କେନ୍ଦ୍ରରେ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ ଥାଆନ୍ତା ତେବେ ଏଭଳି ଅଭାବନୀୟ ଘଟଣା ଘଟି ନଥାନ୍ତା ବୋଲି ମୃତକଙ୍କ ନିକଟ ସଂପର୍କୀୟମାନେ ପ୍ରକାଶ କରିଛନ୍ତି । ଯଶୋବନ୍ତଙ୍କ ପରିବାରରେ ତାଙ୍କ ପତ୍ନୀ ଓ ୨ ପୁତ୍ର ଅଛନ୍ତି । ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ । ନିଶାମୁକ୍ତି କେନ୍ଦ୍ରର ଅବହେଳା ପାଇଁ ଯଶୋବନ୍ତଙ୍କ ଜୀବନ ଚାଲିଯାଇଥିବାରୁ ତାଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ଦାବି ହେଉଛି । ସୂଚନାଯୋଗ୍ୟ, କିଛିମାସ ତଳେ ଉକ୍ତ ଥାନା ଅନ୍ତର୍ଗତ ଏକ ନିଶାମୁକ୍ତି କେନ୍ଦ୍ରରେ ଜଣେ ବ୍ୟକ୍ତିର ତଣ୍ଟି ଚିପି ମାରି ଦିଆଯାଇଥିଲା । ନିଶାମୁକ୍ତି କେନ୍ଦ୍ରଠାରୁ ଆରମ୍ଭ କରି ଜରାଶ୍ରମଗୁଡିକ ଛତୁ ଫୁଟିଲା ଭଳି ଦିନକୁ ଦିନ ଗଢ଼ି ଉଠିବାରେ ଲାଗିଛି । ସେଗୁଡିକର ସୁରକ୍ଷା ବ୍ୟବସ୍ଥା ଠିକ୍ ରହିଛି କି ନାହିଁ ତାହା ପ୍ରଶାସନ ପକ୍ଷରୁ କଡ଼ାକଡ଼ି ଭାବରେ ଯାଞ୍ଚ କରିବା ପାଇଁ ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି ।

## ସରସ୍ୱତୀ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ




କଟକ,୨୭।୧୨(ସମିସ): ଗତିରାଉତ ପାଟଣାସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିର ଆବାସିକ ବିଦ୍ୟାଳୟର ୩୮ତମ ବାର୍ଷିକ ଉତ୍ସବ ସଙ୍ଗମ ବିଦ୍ୟାଳୟର ସଭାପତି ହେମେନ୍ଦ୍ର ନାରାୟଣ ଦାସଙ୍କ ଅଧ୍ୟକ୍ଷତାରେ ସମ୍ପନ୍ନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଡକ୍ଟର ଗୋପାଳ ପ୍ରସାଦ ମହାପାତ୍ର ଯୋଗ ଦେଇଥିଲେ । ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ସନ୍ତୋଷ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସମ୍ପାଦକ ଉମେଶଚନ୍ଦ୍ର ଦାଶ ଏବଂ ଇନ୍ଦୁମତି ଦାସ ପ୍ରମୁଖ ବିଦ୍ୟାଳୟର ଶୈକ୍ଷିକ ଉନ୍ନତି ଓ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ଉପରେ ଆଲୋକପାତ କରିଥିଲେ । ଛାତ୍ରଛାତ୍ରୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ମନ୍ତ୍ରମୁଗ୍ଧ କରିଥିଲା ।

## ସିପିଆଇର ପ୍ରତିଷ୍ଠା ଶତବାର୍ଷିକୀ ଉଦ୍‌ଯାପିତ




କଟକ,୨୭।୧୨(ସମିସ): ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ୧୦୦ତମ ପ୍ରତିଷ୍ଠା ଦିବସ ଅବସରରେ କଟକ ଚାନ୍ଦିନୀଚୌକ ବ୍ରାହ୍ମଣସାହିସ୍ଥିତ ଜିଲ୍ଲା କାର୍ଯ୍ୟାଳୟରେ ଶତବାର୍ଷିକୀ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ୧୯୨୫ ମସିହା ଡିସେମ୍ବର ୨୬ ତାରିଖରେ କାନପୁରଠାରେ ପ୍ରତିଷ୍ଠିତ ହୋଇଥିବା ଏହି ପାର୍ଟିର ବର୍ଷବ୍ୟାପୀ ପାଳିତ ଶତବାର୍ଷିକୀ ଉତ୍ସବର ଆଜି ଥିଲା ଅନ୍ତିମ ଦିବସ । ଆଲୋଚନାଚକ୍ରରେ ଜିଲ୍ଲା ସମ୍ପାଦକ ବିନୋଦ କୁମାର ବେହେରା ଯୋଗ ଦେଇଥିଲେ । ନଗର ସମ୍ପାଦକ ପ୍ରସନ୍ନ କୁମାର ମହାପାତ୍ର ସଂଗଠନକୁ ଆହୁରି ସୁଦୃଢ଼ କରିବା ସହ ସମ୍ବିଧାନର ସାର୍ବଭୌମତ୍ୱକୁ ଅକ୍ଷୁଣ୍ଣ ରଖିବା ପାଇଁ ସମସ୍ତ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ । ବରିଷ୍ଠ ସାଥୀ ବିପିନ ବିହାରୀ ପାଢ଼ୀ, ସୁକାନ୍ତ ବାରିକ, ଅଶୋକ ତା, ଅଭୟ ପଟ୍ଟନାୟକ, ମିହିର ବିଶ୍ୱାଳ, ବାବାଜୀ ଚରଣ ବେହେରା, ପୂର୍ଣ୍ଣଚନ୍ଦ୍ର ସିଂ, ବଂଶୀଧର ସେଠୀ ଏବଂ ଭାବଗ୍ରାହୀ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶିକ୍ଷକ ନେତା କ୍ଷୀରୋଦ ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରାଚୀ ନଦୀତଟରୁ ମାଟି ତାଡ଼ିନେଲେ

କଣ୍ଟାପଡା,୨୭।୧୨(ସମିସ): ପୂର୍ବରୁ କଣ୍ଟାପଡ଼ା ତହସିଲ ଅନ୍ତର୍ଗତ ବିଭିନ୍ନ ସରକାରୀ ଓ ଘରୋଇ ଧାନ ବିଲରୁ ମାଫିଆମାନେ ରାତିରେ ଜେସିବି ମେସିନ ଲଗାଇ ହାଇୱା ସାହାଯ୍ୟରେ ମାଟି ତାଡ଼ି ନେବା ଘଟଣାକୁ ନେଇ ଓଲଟପୁର ଥାନାରେ ଏକାଧିକ ଅଭିଯୋଗ ହୋଇଥିଲା । ଖରା ଦିନ ପୂର୍ବରୁ ମାଟି ମାଫିଆମାନେ ସକ୍ରିୟ ହୋଇପଡିଛନ୍ତି । ଶୀତ ଓ ଘନ କୁହୁଡ଼ିର ସୁଯୋଗ ନେଇ ସକେଇ ନିକଟରେ ପ୍ରାଚୀ ନଦୀ ତଟରୁ ରାତିରେ ହାଇୱା ମାଧ୍ୟମରେ ଲକ୍ଷଲକ୍ଷ ଟଙ୍କାର ମାଟି ତାଡ଼ି ନେଇଥିବା ଦେଖିବାକୁ ମିଳିଛି । ଏଥିରେ ସ୍ଥାନୀୟ ପ୍ରଭାବଶାଳୀଙ୍କ ହାତ ଥିବା ଅଞ୍ଚଳରେ ଆଲୋଚନା ହେଉଥିବା ବେଳେ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି ।



## ବଲ୍ଲଭୀଦେବୀ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ




ନିଶ୍ଚିନ୍ତକୋଇଲି,୨୭।୧୨(ସମିସ): ଗ୍ରାମାଞ୍ଚଳର ମହିଳାମାନଙ୍କୁ ଉଚ୍ଚ ଶିକ୍ଷିତା କରିବା ପାଇଁ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ବାବୁ ଯେଉଁ ସ୍ୱପ୍ନ ଦେଖିଥିଲେ ତାଙ୍କର ଅତ୍ୟନ୍ତ ଆନୁଗତ୍ୟ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ କାଳିନ୍ଦୀ ବେହେରା ନିଶ୍ଚିନ୍ତକୋଇଲି ବ୍ଲକ ନଟକାଇ ବାଣୀନଗରଠାରେ ଏକ ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠା କରି ତାହାକୁ ସାକାର କରିଛନ୍ତି । ପ୍ରକୃତରେ ସମୃଦ୍ଧ ଓ ଶୃଙ୍ଖଳିତ ସମାଜ ଗଠନ ପାଇଁ ଉଚ୍ଚ ଶିକ୍ଷିତା ନାରୀମାନଙ୍କର ନିତାନ୍ତ ଆବଶ୍ୟକ ବୋଲି ବଲ୍ଲଭୀଦେବୀ ମହିଳା ମହାବିଦ୍ୟାଳୟର ୩୨ତମ ବାର୍ଷିକ ଉତ୍ସବରେ ପୂର୍ବତନ ବିଧାୟକ ତଥା ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ମୁଖ୍ୟଅତିଥି ରୂପେ ଯୋଗଦେଇ ପ୍ରକାଶ କରିଛନ୍ତି । କଲେଜ ଅଧ୍ୟକ୍ଷା ଡ. ପୁଷ୍ପିତା ଜେନାଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟବକ୍ତା ଭାବେ କଟକ ସଦର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା, ବିଶିଷ୍ଟ ଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗ ଦେଇଥିଲେ । ବଲ୍ଲଭୀ ଦେବୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନିବେଦିତା ଦାସ ସ୍ୱାଗତ ଭାଷଣ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଅଧ୍ୟାପକ କ୍ଷିତିଶ ଭୂୟାଁ ବାର୍ଷିକ ବିବରଣୀ ପାଠ କରିଥିଲେ । ଅଧ୍ୟାପକ ଦେବାଶିଷ ନାୟକ, ସୂର୍ଯ୍ୟମଣୀ ସ୍ୱାଇଁ, ସୁବ୍ରତ ସ୍ୱାଇଁ, ଅଧ୍ୟାପିକା ରୀତା ଷଡଙ୍ଗୀ, ଅନ୍ନପୂର୍ଣ୍ଣା ଜେନା, ଶୁଭଶ୍ରୀ ନାୟକ, ସୁପ୍ରଭା ଜେନା, ଅଶୋକ ରାଉତ, ବଟକୃଷ୍ଣ ରାଉତ, ଜ୍ୟୋତିରଞ୍ଜନ ରଥ, ସୁଧାଂଶୁ ବେଜ୍, ବିଶ୍ୱଜିତ୍ ପୁହାଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଚଳିତ ବର୍ଷର କ୍ରୀଡା ଚାମ୍ପିଅନ ଓ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ସଂଗୀତର ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅଧ୍ୟାପିକା ଡ. ଜୟନ୍ତୀ ସାହୁ ଧନ୍ୟବାଦ ଦେଇଥିଲେ ।

## ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ



ନିଶ୍ଚିନ୍ତକୋଇଲି,୨୭ ।୧୨(ସମିସ): ବଡ଼କ୍ଷୀର ପଞ୍ଚାୟତ ଗୋପପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃସମ୍ମିଳନୀ ଅନୁଷ୍ଠିତ ହୋଇଛି । ପ୍ରଧାନଆଚାର୍ଯ୍ୟ ପୁଣ୍ୟପ୍ରଭା ପଣ୍ଡାଙ୍କ ନେତୃତ୍ୱରେ ମାଆମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି । ବିଚାରକ ଭାବେ ନାଟ୍ୟ ନିର୍ଦ୍ଦେଶକ ତଥା ପ୍ରାକ୍ତନ ସରପଞ୍ଚ ରବିନ୍ଦ୍ରନାଥ ସେଠୀ କୃତୀ ମାଆମାନଙ୍କୁ ଚୟନ କରିଥିଲେ । ସ୍କୁଲ ପରିଚାଳନା କମିଟି ସଭାପତି ଜ୍ଞାନରଂଜନ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ଶିକ୍ଷା ବିଭାଗର ଅବସରପ୍ରାପ୍ତ ପ୍ରଫେସର ମିନତୀ ମହାନ୍ତି, ସମ୍ମାନୀତ ଅତିଥି ଭାବେ ଶିଶୁ ମନ୍ଦିରର ସଂପାଦକ ଡ ସୁରେନ୍ଦ୍ର କୁମାର ସାଥୁଆ, ଶିକ୍ଷାବିତ୍ ଫକୀର ଚରଣ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଗୁରୁଜୀ ଅଞ୍ଜନ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅସହାୟ ମୂକ ବଧିର ଯୁବତୀ ଉଦ୍ଧାର



ଚୌଦ୍ୱାର,୨୭।୧୨(ସମିସ): ଚୌଦ୍ୱାର ତଳ ବଜାରରେ ଅସହାୟ ଅବସ୍ଥାରେ ବୁଲୁଥିବା ଜଣେ ମୂକ ଓ ବଧିର ଯୁବତୀଙ୍କୁ ଚୌଦ୍ୱାର ପୁଲିସ୍ ଉଦ୍ଧାର କରିଛି । ଶୁକ୍ରବାର ବିଳମ୍ବିତ ରାତିରେ ତଳ ବଜାର ଅଞ୍ଚଳରେ ବୁଲୁଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ । ଥାନାର ପିସିଆର ଭ୍ୟାନ୍ ଘଟଣାସ୍ଥଳରେ ପହଞ୍ଚି ଯୁବତୀ ଜଣକୁ ଉଦ୍ଧାର କରି ସ୍ଥାନୀୟ ଶିଶୁ ସଦନରେ ଅସ୍ଥାୟୀ ଭାବେ ରଖିଛନ୍ତି । ଯୁବତୀ ଜଣକର ବୟସ ୨୪ରୁ ୨୫ ବର୍ଷ ମଧ୍ୟରେ ହେବା ଅନୁମାନ କରାଯାଉଛି । ସେ ମୂକ ଓ ବଧିର ହୋଇଥିବାରୁ ତାଙ୍କ ନାମ ଓ ଠିକଣା ସମ୍ପର୍କରେ କୌଣସି ସୂଚନା ମିଳି ପାରୁ ନାହିଁ । ଯଦି କୌଣସି ବ୍ୟକ୍ତି ତାଙ୍କୁ ଜାଣିଥାନ୍ତି ତେବେ ଯୋଗାଯୋଗ କରିବା ପାଇଁ ପୁଲିସ ତରଫରୁ ନିବେଦନ କରାଯାଇଛି ।

## ବରାହିପାଟଣାରେ ଅସହାୟଙ୍କୁ ଶୀତବସ୍ତ୍ର




ଟାଙ୍ଗୀ,୨୭ ।୧୨(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଶାଳଗାଁ ପଞ୍ଚାୟତ ବରାହିପାଟଣାରେ ସିଦ୍ଧଗିରି ଚାରିଟେବୁଲ ଟ୍ରଷ୍ଟ ଗୋବିନ୍ଦପୁର ଆନୁକୂଲ୍ୟରେ ୩୦୦ରୁ ଅଧିକ ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ଯୁବ ସମାଜସେବୀ ସୁରେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଏବଂ ପ୍ରାକ୍ତନ ସରପଞ୍ଚ ପ୍ରବୀର କୁମାର ଦାଶଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଟ୍ରଷ୍ଟର ମୁଖ୍ୟ ବାବାଜୀ ବିଶ୍ୱନାଥ ଦାସ, ମୁଖ୍ୟବକ୍ତା ଟେଟ୍ରାହେଡ୍ରନ ଗୃପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା, ସମ୍ମାନିତଅତିଥି ଭାବେ ବରିଷ୍ଠ ସମାଜସେବୀ ପ୍ରକାଶ ବଡ଼ଜେନା, ଶୁଭେନ୍ଦ୍ରନାଥ ଷଡ଼ଙ୍ଗୀ, ପ୍ରବଚକ ସିଦ୍ଧେଶ୍ୱର ନାୟକ, ଲଲାଟେନ୍ଦୁ ଆଏଚ, ସମୀର କୁମାର ପଣ୍ଡା ଓ ଗଙ୍ଗାଧର ବେହେରା ପ୍ରମୁଖ ଦେଇଥିଲେ । ସ୍ୱେଚ୍ଛାସେବୀ ମିହିର ସାହୁ, ବେଣୁଧର ଦାସ, ସୁବାସ ଯତି ସହଯୋଗ କରିଥିଲେ ।

● ରେଳପଥ ସଂପ୍ରସାରଣ କାର୍ଯ୍ୟରେ ଠିକାଦାର-ଗ୍ରାମବାସୀ ମୁହାଁମୁହିଁ

## ସବୁଦିନିଆ ରାସ୍ତାକୁ ତାଡ଼ିଦେଲେ ଠିକାଦାର



ଟାଙ୍ଗୀ,୨୭।୧୨(ସମିସ): ପୂର୍ବତଟ ରେଳପଥ ସଂପ୍ରସାରଣ କାର୍ଯ୍ୟ ଆଗେଇ ଚାଲିଥିବା ବେଳେ ସଂପୃକ୍ତ ଠିକାଦାର ରେଳପୋଲ ଦେଇ ଅତିକ୍ରମ କରିଥିବା ଗ୍ରାମର ସବୁଦିନିଆ ରାସ୍ତା ତାଡ଼ିବା ସହ ସେହି ମାଟିକୁ କାମରେ ବ୍ୟବହାର କରିବା ଘଟଣାରେ ଉତ୍ତେଜନା ପ୍ରକାଶ ପାଇଛି । ଟାଙ୍ଗୀ-ଚୌଦ୍ୱାର ବ୍ଲକ କୋଟସାହି ପଞ୍ଚାୟତ ବନ୍ଧାଳ ଗ୍ରାମବାସୀ ଘଟଣାକୁ ବିରୋଧ କରିଛନ୍ତି । ଗ୍ରାମ ନିକଟ ହାଇଲେବଲ କେନାଲର ଶାଖା ନାଳ ଉପରେ ରେଳ ପୋଲ ରହିଛି । ରେଳ ପୋଲ ତଳେ ଯାଇଥିବା ନାଳ ରାସ୍ତାଟି ଗ୍ରାମବାସୀଙ୍କ ସବୁଦିନିଆ ରାସ୍ତା । ବସତି ଆରମ୍ଭରୁ ଉକ୍ତ ରାସ୍ତା ରହିଥିବାରୁ ଗ୍ରାମବାସୀଙ୍କ ଉଦ୍ୟମରେ ରାସ୍ତା ମରାମତି ହୋଇଥାଏ । ଅନ୍ୟପକ୍ଷରେ ଗ୍ରାମବାସୀଙ୍କ ଯାତାୟାତ ନିମନ୍ତେ ପୂର୍ବରୁ ରହିଥିବା ରେଳ ଫାଟକ ହଟାଯାଇ ଏବେ ଗଳା ପୋଲ ନିର୍ମାଣ ହୋଇଥିଲେ ହେଁ ଉକ୍ତ ରାସ୍ତା ଉପରେ ଗ୍ରାମବାସୀ ସଂପୂର୍ଣ୍ଣ ନିର୍ଭର କରୁଥିଲେ । ଏଥିଯୋଗୁଁ ଗ୍ରାମରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇବା ସହ ଗ୍ରାମବାସୀ ଠିକାଦାରଙ୍କ ଗାଡ଼ି ଓ ମେସିନ୍ ଅଟକ ରଖି ସନ୍ଧ୍ୟାରେ ବୈଠକ ଆୟୋଜନ କରିଥିବା ଜାଣିବାକୁ ମିଳିଛି ।

## ପିସିସି ସଭାପତିଙ୍କୁ ସମ୍ବର୍ଦ୍ଧନା

ନିଶ୍ଚିନ୍ତକୋଇଲି,୨୭ ।୧୨(ସମିସ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ, ରାଜ୍ୟ ମହିଳା କଂଗ୍ରେସ କମିଟି ସଭାପତି ମୀନାକ୍ଷୀ ବାହିନୀପତି, ଉପସଭାପତି ଦେବାଶିଷ ପଟ୍ଟନାୟକ, କଂଗ୍ରେସ ନେତା ଆଶିଷ ପଟ୍ଟନାୟକ, କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲ୍ଲା ଗସ୍ତରେ ଯାଉଥିଲା ବେଳେ ନିଶ୍ଚିନ୍ତକୋଇଲି ବଜାରରେ ବ୍ଲକ କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଜିଲ୍ଲା କଂଗ୍ରେସ କମିଟି ସଭାପତି ପ୍ରଦୀପ୍ତ କୁମାର ଦାସଙ୍କ ପରାମର୍ଶକ୍ରମେ ବରିଷ୍ଠ କଂଗ୍ରେସ ନେତା ତଥା ପିସିସି ସଭ୍ୟ ନାରାୟଣ ଦ୍ୱିବେଦୀଙ୍କ ନେତୃତ୍ୱରେ ଏଥିରେ କଂଗ୍ରେସ ନେତା ପ୍ରମୋଦ ପଣ୍ଡା, ରାଜକିଶୋର ରାଉତ, ଆଇନଜୀବୀ ଦୀପକ ମହାନ୍ତି, ସୌକତ ଅଲୀ, ଅକ୍ଷୟ ସାହୁ, ରମେଶ ବେହେରା, ସେକ୍ ସଦ୍ଦାମ, ମହମ୍ମଦ ସମିମ୍, ଚିନ୍ତାମଣୀ ପୁହାଣ, କ୍ଷମାନିଧି ପୂଝାରୀ, ଶ୍ରୀକାନ୍ତ ନନ୍ଦ, ରାଜେଶ ଜେନା. ଡମ୍ବରୁଧର ସାହୁ, ମିଳନ ମଲିକ, ସୁଶୀଳ ଲେଙ୍କା ପ୍ରମୁଖ ବହୁ କଂଗ୍ରେସ କର୍ମୀ ନେତୃବୃନ୍ଦଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

## ଯୋଡୁମୁ କପ୍ କ୍ରିକେଟ: ରଘୁନାଥ କ୍ରିକେଟ କ୍ଲବ ଚାମ୍ପିଅନ



ତିଗିରିଆ,୨୭।୧୨(ସମିସ): ରଘୁନାଥ କ୍ରିକେଟ କ୍ଲବ୍ ହରିଶରଣପୁର ଯୋଡୁମୁ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୨୦୨୫ର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । ବଡମ୍ବା ଯୋଡୁମୁ କ୍ରିକେଟ ପଡିଆଠାରେ ବାଙ୍କୀର ତେନ୍ତୁଳିଆ କ୍ରିକେଟ କ୍ଲବ୍ ସହ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ତେନ୍ତୁଳିଆ କ୍ରିକେଟ କ୍ଲବ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ସମସ୍ତ ୱିକେଟ ହରାଇ ୮୮ ରନ ସଂଗ୍ରହ କରିଥିଲା । ଏହାର ଜବାବରେ ରଘୁନାଥ କ୍ରିକେଟ କ୍ଲବ ୭ ଓଭରରେ ଆବଶ୍ୟକ ରନ ସଂଗ୍ରହ କରି ବିଜେତା ଘୋଷଣା ହୋଇଥିଲା । ବିଜୟୀ ଦଳ ପକ୍ଷରୁ ରାହୁଲ ରଞ୍ଜନ ରାଉତଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିବା ବେଳେ ରାଜେନ୍ଦ୍ର ବସ୍ତି ଟୁର୍ଣ୍ଣାମେଣ୍ଟ ଅଫ ଦି ପ୍ଲେୟାର ହୋଇଛନ୍ତି । ଯୋଡୁମୁ କ୍ରିକେଟ କ୍ଲବର ବ୍ରହ୍ମାନନ୍ଦ ଦେହୁରୀଙ୍କ ତତ୍ତ୍ୱାବଧାନରେ ବିଜୟୀ ଦଳକୁ ଟ୍ରଫି ସହିତ ୫ ହଜାର ଆର୍ଥିକ ରାଶି ଓ ରନର୍ସଅପ ଦଳକୁ ୩ ହଜାର ଆର୍ଥିକ ରାଶି ପ୍ରଦାନ କରାଯାଇଛି ।

## ଆନନ୍ଦମାର୍ଗ ଜାଗୃତି ସ୍କୁଲର ବାର୍ଷିକ କ୍ରୀଡ଼ା




ନିଶ୍ଚିନ୍ତକୋଇଲି,୨୭ ।୧୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଉତ୍ତରକୂଳସ୍ଥିତ ଆନନ୍ଦମାର୍ଗ ଜାଗୃତି ସ୍କୁଲର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଦୁଇ ଦିନ ଧରି ଅନୁଷ୍ଠିତ ହୋଇଛି । ୬ଜଣ ଚାମ୍ପିଅନଙ୍କ ସହ ପ୍ରତ୍ୟେକ ବିଭାଗରେ କୃତୀ ଛାତ୍ରଛାତ୍ରୀଙ୍କୁ ମେଡାଲ, ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ବିଦ୍ୟାଳୟ ପରିଚାଳନ କମିଟି ସଂପାଦକ ଚିତ୍ତରଂଜନ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ କଟକ ସଦର ବିଧାୟକ ଇଂ ପ୍ରକାଶଚନ୍ଦ୍ର ସେଠୀ, ମୁଖ୍ୟବକ୍ତା ଭାବେ ଆନନ୍ଦମାର୍ଗର ବରିଷ୍ଠ ସନ୍ନ୍ୟାସୀ ଆଚାର୍ଯ୍ୟ ବିକାଶାନନ୍ଦ ଅବଧୂତ, ସମ୍ମାନିତ ଅତିଥି ଭାବେ ଗୃହୀ ଆଚାର୍ଯ୍ୟ ନଟବର ବେହେରା ପ୍ରମୁଖ ଯୋଗ ଦେଇଥିଲେ । ବରିଷ୍ଠ ଶିକ୍ଷକ ସୁଶାନ୍ତ କୁମାର ସୁତାର ପ୍ରାରମ୍ଭିକ ସୂଚନା ଦେଇଥିଲେ । ସଂଜୟ କୁମାର ଦାସ, ଶତ୍ରୁଘ୍ନ ଦାସ, ରମାକାନ୍ତ ମଲ୍ଲଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ପରିଚାଳନା କରିଥିଲେ । ସ୍କୁଲ ଅଧ୍ୟକ୍ଷା ରାଜର୍ଷି ବେଉରା ଧନ୍ୟବାଦ ଅର୍ପଣ କରିଥିଲେ ।

# ସରସ୍ୱତୀ କଳାପରିଷଦର ରାଜ୍ୟସ୍ତରୀୟ ପ୍ରତିଭା ମହୋତ୍ସବ

କନ୍ଦରପୁର,୨୭ ।୧୨(ସମିସ)




କନ୍ଦରପୁର ସରସ୍ୱତୀ କଳାପରିଷଦର ୨୨ତମ ବାର୍ଷିକଉତ୍ସବ ଓ ତିନିଦିନିଆ ରାଜ୍ୟସ୍ତରୀୟ ପ୍ରତିଭା ମହୋତ୍ସବ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ଉଦ୍‌ଘାଟିତ ହୋଇଯାଇଛି । ସଭାପତି ପ୍ରତିଭା ଶତପଥୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସମ୍ପାଦକ ଅଶୋକ ପଟ୍ଟନାୟକ ସଂପାଦକୀୟ ବିବରଣୀ ପାଠ କରିଥିବା ବେଳେ କୋଷାଧ୍ୟକ୍ଷ ଇଂ ସେବକ ଶ୍ରୀକାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅତିଥି ଭାବେ ନାଟ୍ୟକାର ଅଭୟ ଶତପଥୀ, ଆୟତପୁର ପଞ୍ଚାୟତ ସରପଞ୍ଚ ରାକେଶ ବେହେରା, ଅଧ୍ୟାପକ ବାସୁଦେବ ସ୍ୱାଇଁ, ଲୋକଭାଷା ପାକ୍ଷିକ ଖବର କାଗଜର ସମ୍ପାଦକ ଶୁକଦେବ ପରିଡ଼ା, ଆଦର୍ଶ ଗୁରୁକୁଳ ସହଅଧ୍ୟକ୍ଷ ପ୍ରେମକୃଷ୍ଣ ଓଝା, ସାଲେପୁର ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ ହୃଷୀକେଶ ମହାରଣା, ଅଭିନେତା ଦୈତାରୀ ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ । ପ୍ରାଧ୍ୟାପକ ପ୍ରଫୁଲ୍ଲ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାନ୍ଧ୍ୟକାଳୀନ ଉଦ୍‌ଯାପନୀ ସଭାରେ ଅତିଥି ଭାବେ ପ୍ରାଧ୍ୟାପକ ଡକ୍ଟର କଲିମୁଲ୍ଲା, ବିଶ୍ୱ ଓଡ଼ିଆ ମହାସଂଘ ସଭାପତି ଡକ୍ଟର ସୁରେନ୍ଦ୍ରନାଥ ମହାପାତ୍ର, ଓଡ଼ିଶା ରାଷ୍ଟ୍ରବାଦୀ ସଂଘ ସଭାପତି ଇଂ ଗିରିଜା ଶଙ୍କର ପତି, ସଭାପତି ଓଡ଼ିଶା ସାମାଜିକ ଓ ସାଂସ୍କୃତିକ ପରିଷଦ ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ, କଳପଡ଼ା ସରସ୍ୱତୀ ଶିଶୁ ମନ୍ଦିର ପରିଚାଳକ, ସଂଯୁକ୍ତା ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟ ଅଧ୍ୟକ୍ଷ ସନ୍ତୋଷ କୁମାର ରାଉତ, ସମାଜସେବୀ ପ୍ରଲୋପ ନରୟଣ ମହାପାତ୍ର, ଦେବୀପ୍ରସାଦ ପତି ପ୍ରମୁଖ ଉପସ୍ଥିତ ଥିଲେ । ପରିଷଦର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ସହସଂପାଦକ ପ୍ରଭାତ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

